# NATIONAL NEWS BULLETIN (ODIA)

## 22th June - 2025

## Morning Bulletin : 7.15 a.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ଛତିଶଗଡ଼ ରାୟପୁରରେ ସୁରକ୍ଷା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଅପରେସନ୍ ସିନ୍ଧୁ ଅଧୀନରେ ଏପର୍ଯ୍ୟନ୍ତ ଇରାନ୍‌ରୁ ଫେରିଛନ୍ତି ୧ ହଜାର ୧୧୭ ଜଣ ଭାରତୀୟ ।
- ଇରାନ୍‌ର ୩ଟି ପରମାଣୁ ସ୍ଥଳୀ ଉପରେ ଆକ୍ରମଣ କରିଥିବା ସ୍ପଷ୍ଟ କଲା ଆମେରିକା ।
- ବ୍ରାଜିଲ୍‌ରେ ହଟ୍ ଏୟାର ବେଲୁନ୍ ଦୁର୍ଘଟଣାରେ ୮ ମୃତ, ୧୩ ଆହତ ।

ଏବଂ

- ଆଣ୍ଡର୍ସନ-ତେନ୍ଦୁଲ୍‌କର ଟ୍ରଫିର ପ୍ରଥମ ଟେଷ୍ଟ ମ୍ୟାଚ୍‌ର ଆଜି ତୃତୀୟ ଦିନରେ ୨୦୯ ରନ୍‌ରୁ ଇନିଙ୍ଗ୍‌ସ ଆରମ୍ଭ କରିବ ଇଂଲଣ୍ଡ ।

## ଶାହା - ଛତିଶଗଡ଼ ଭିଜିଟ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆଜିଠାରୁ ଦୁଇଦିନିଆ ଛତିଶଗଡ଼ ଗସ୍ତରେ ଯାଉଛନ୍ତି । ଏହି ଗସ୍ତକାଳରେ ଶ୍ରୀ ଶାହା ରାୟପୁର ଏବଂ ନାରାୟଣପୁର ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ଶ୍ରୀ ଶାହା ଆଜି ରାୟପୁରରେ ଜାତୀୟ ଫୋରେନ୍‌ସିକ୍ ସାଇନ୍ସ ବିଶ୍ୱବିଦ୍ୟାଳୟ ଏବଂ କେନ୍ଦ୍ରୀୟ ଫୋରେନ୍‌ସିକ୍ ବିଜ୍ଞାନ ପରିକ୍ଷାଗାର କ୍ୟାମ୍ପ୍‌ର ଶିଳାନ୍ୟାସ କରିବେ । ପ୍ରାୟ ୪୦୦ କୋଟି ଟଙ୍କା ବ୍ୟୟରେ ୪୦ ଏକର ପରିମିତ ଅଞ୍ଚଳରେ ଏହି ଫୋରେନ୍‌ସିକ୍ ସାଇନ୍ସ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍ ନିର୍ମାଣ କରାଯିବ ।

ଶ୍ରୀ ଶାହା ନଭା ରାୟପୁରରେ ଛତିଶଗଡ଼ ଏବଂ ପଡ଼ୋଶୀ ରାଜ୍ୟର ପୁଲିସ୍ ମହାନିର୍ଦ୍ଦେଶକ ଓ ଅତିରିକ୍ତ ପୁଲିସ୍ ମହାନିର୍ଦ୍ଦୋକଙ୍କ ସହ ସୁରକ୍ଷା ସମ୍ବନ୍ଧରେ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେବେ । ଅନ୍ୟ ଏକ ବୈଠକରେ ଶ୍ରୀ ଶାହା ବାମପନ୍ଥୀ ଉଗ୍ରବାଦ ଉପରେ ସୁରକ୍ଷା ସମୀକ୍ଷା କରିବାର କାର୍ଯ୍ୟସୂଚୀ ରହିଛି । ଆସନ୍ତାକାଲି ଛତିଶଗଡ଼ ଗସ୍ତର ଦ୍ୱିତୀୟ ଦିନରେ ଶ୍ରୀ ଶାହା ବସ୍ତର

ଡିଭିଜନ ଅନ୍ତର୍ଗତ ନାରାୟଣପୁର ଜିଲ୍ଲାର ଇର୍କଭଟି ଗ୍ରାମ ଅଞ୍ଚଳରେ ଥିବା ସୀମା ସୁରକ୍ଷା ବଳ ଶିବିର ପରିଦର୍ଶନ କରିବେ ।

***Voice (Vikalp Shukla)*** :............

## ନେପାଳ-ଶ୍ରୀଲଙ୍କା ଓ.ପି. ସିନ୍ଧୁ

ଅପରେସନ୍ ସିନ୍ଧୁ ଅଧୀନରେ ଇରାନ୍‌ରୁ ନେପାଳ ଏବଂ ଶ୍ରୀଲଙ୍କର ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷିତ ଉଦ୍ଧାର କରାଯିବା ପରେ ଉଭୟ ଦେଶ କୃତଜ୍ଞତା ଜ୍ଞାପନ କରିଛନ୍ତି । ନେପାଳ ବିଦେଶ ମନ୍ତ୍ରୀ ଅର୍ଜୁ ରାଣା ଦେଓବା ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କୁ ନେପାଳ ଛାତ୍ରଛାତ୍ରୀମାନଙ୍କୁ ଉଦ୍ଧାର କରିଥିବାରୁ  ଧନ୍ୟବାଦ ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ ଭାରତର ତ୍ୱରିତ ପଦକ୍ଷେପକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଭାରତ ଓ ନେପାଳ ମଧ୍ୟରେ ଥିବା ଦୃଢ଼ ସମ୍ପର୍କ ଏହାର ପ୍ରମାଣ ଦେଉଛି ।

ପୂର୍ବରୁ ଶ୍ରୀଲଙ୍କା ସରକାର ମଧ୍ୟ ଭାରତର ସମୟୋଚିତ ପଦକ୍ଷେପ ଲାଗି କୃତଜ୍ଞତା ଜଣାଇଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀଲଙ୍କାର ବୈଦେଶିକ ମନ୍ତ୍ରଣାଳୟ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଥିବା ସମ୍ପର୍କକୁ ଦୋହରାଇଥିଲେ । ଇରାନ୍ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି, ଉଭୟ ଦେଶର ସରକାରଙ୍କ ପକ୍ଷରୁ ଅନୁରୋଧ ମିଳିବା ପରେ ସମ୍ପୃକ୍ତ ଦେଶର

ଛାତ୍ରଛାତ୍ରୀମାନଙ୍କୁ ଉଦ୍ଧାର ଲାଗି ପଦକ୍ଷେପ ନିଆଯାଇଥିଲା । ଗତକାଲି ୨୯୦ ଜଣ ଭାରତୀୟଙ୍କୁ ସୁରକ୍ଷିତ ନୂଆଦିଲ୍ଲୀ ଅଣାଯିବା ପରେ ଅପରେସନ୍ ସିନ୍ଧୁ ଅଧୀନରେ ଏପର୍ଯ୍ୟନ୍ତ ୧ ହଜାର ୧୧୭ ଜଣଙ୍କୁ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି ।

## ଡି.ଜି.ସି.ଏ. - ଏୟାର ଇଣ୍ଡିଆ

କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରିବା ନେଇ ୩ଜଣ ଅଧିକାରୀଙ୍କୁ ଚାକିରୀରୁ ବହିଷ୍କାର କରିବାକୁ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ଏୟାର ଇଣ୍ଡିଆକୁ ନିର୍ଦ୍ଦେଶ ଦେଇଛି । ବିଳମ୍ବ ନ କରି ଏହି ଅଧିକାରୀଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ୧୦ଦିନ ମଧ୍ୟରେ ଏ ସମ୍ପର୍କରେ ସବିଶେଷ ରିପୋର୍ଟ ପ୍ରଦାନ କରିବାକୁ ଏୟାର ଇଣ୍ଡିଆକୁ କୁହାଯାଇଛି । ସୂଚନାଯୋଗ୍ୟ ଏହି ଅଧିକାରୀମାନେ ବିମାନ ଚଳାଚଳ ମାର୍ଗ ପ୍ରଣାଳୀରେ ସଠିକତା ଅବଲମ୍ବନ ନକରିଥିବାରୁ ସେମାନଙ୍କ ଉପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ହୋଇଛି ।

## ଉତ୍ତରାଖଣ୍ଡ ପଞ୍ଚାୟତ ଇଲେକ୍ସନ

ଉତ୍ତରାଖଣ୍ଡ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଆସନ୍ତା ମାସ ୧୦ ତାରିଖରେ ଅନୁଷ୍ଠିତ ହେବ । ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ କରିବା ପରେ ରାଜ୍ୟ ନିର୍ବାଚନ ଆୟୋଗ ସୁଶୀଲ କୁମାର କହିଛନ୍ତି ଆସନ୍ତା ୨୫ ତାରିଖରେ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ । ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆସନ୍ତା ୨୮ ତାରିଖରେ ଶେଷ ହେବ ବୋଲି ଶ୍ରୀ କୁମାର କହିଛନ୍ତି ।

## ମିଜୋରାମ - ଡ୍ରଗ୍ ସିଜ୍ଡ୍

ମିଜୋରାମ୍‌ରେ ଆସାମ ରାଇଫଲ୍ ଏବଂ ଅନ୍ୟାନ୍ୟ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ୧୧ କୋଟିରୁ ଅଧିକ ଟଙ୍କାର ନିଶାଦ୍ରବ୍ୟ ଜବତ କରିଛନ୍ତି । ଜଣେ ପ୍ରତିରକ୍ଷା ମୁଖପାତ୍ର କହିଛନ୍ତି, ଏହି ଘଟଣାରେ ୨ ଜଣ ମହିଳାଙ୍କ ସମେତ ୫ ଜଣ ନିଶାଦ୍ରବ୍ୟ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି । ନିଶାଦ୍ରବ୍ୟ କାରବାର ନେଇ ଗୁପ୍ତ ସୂଚନା ଆଧାରରେ ଭାସେଇକାଇରୁ ଲୁଙ୍ଗ୍‌ଲେଇ ଜିଲ୍ଲାକୁ ପଠାଯାଉଥିବା ନିଶାଦ୍ରବ୍ୟ ଜବତ କରାଯାଇଛି । ଏରିଆ ଡୋମିନେସନ୍ ପାର୍ଟି ଏକ ସ୍ୱତନ୍ତ୍ର ଅଭିଯାନ ଜରିଆରେ ଏହି ନିଶାଦ୍ରବ୍ୟଜବତ କରିବା ସହ ଗିରଫଦାରୀ କରିଛି । ଅନ୍ୟ ଦୁଇଟି ଘଟଣାରେ ଆସାମ

ରାଇଫଲ୍ ୮୧ ଲକ୍ଷ ଟଙ୍କାର ବିଦେଶୀ ସିଗାରେଟ୍ ଏବଂ ଚମ୍ପାଇ ଜିଲ୍ଲାରୁ ୨୯ ଲକ୍ଷ ଟଙ୍କାର ହେରୋଇନ୍ ଜବତ କରିଛି ।

## ୟୁ.ଏସ୍. ଷ୍ଟ୍ରାଇକ୍ ଇରାନ୍ ନ୍ୟୁକ୍ସ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି, ଇରାନର ୩ଟି ପରମାଣୁ ସ୍ଥଳୀ ଉପରେ ଆକ୍ରମଣ କରାଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଟ୍ରମ୍ପ୍ କହିଛନ୍ତି, ଆମେରିକା' ଫୋର୍‌ଦୋ, ନାତାଞ୍ଜ୍ ଏବଂ ଇସ୍‌ଫାହାନ୍‌ରେ ଥିବା ଇରାନ୍‌ର ପରମାଣୁ ସ୍ଥଳୀ ଉପରେ ଆକ୍ରମଣ କରିଛି ଏବଂ ସମସ୍ତ ବିମାନ ଇରାନ୍ ଆକାଶ ସୀମା ବାହାରକୁ ବାହାରି ଆସିଛି । ଏହି ଘୋଷଣା ପରେ ଆମେରିକା ଇରାନ୍ ଉପରେ ଆକ୍ରମଣରେ ଇସ୍ରାଏଲ୍ ସହ ସାମିଲ୍ ହୋଇଥିବା ଅନୁମାନ କରାଯାଉଛି ।

## ଇସ୍ରାଏଲ୍ - ଇରାନ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ ଟ୍ରମ୍ପ୍ ଇରାନ୍‌ର ପରମାଣୁ ସ୍ଥଳ ଉପରେ ଇସ୍ରାଏଲ୍ ସହ ଆକ୍ରମଣରେ ସାମିଲ୍ ହେବାକୁ ବିଚାର କରୁଥିବାରୁ ପ୍ରଶାନ୍ତ ମହାସାଗର ଦେଇ ଉଡୁଥିବା ଆମେରିକୀୟ ବୋମାବର୍ଷୀ ବିମାନଗୁଡ଼ିକର ଉଦ୍ଦେଶ୍ୟମୂଳକ ଯୋଜନାକୁ ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଛି । ଶ୍ରୀ ଟ୍ରମ୍ପ୍

କହିଛନ୍ତି, ଇସ୍ରାଏଲ୍ ଓ ଇରାନ୍ ମଧ୍ୟରେ ଚାଲିଥିବା ସଂଘର୍ଷରେ ଆମେରିକୀୟ ସେନା ସିଧାସଳଖ ସାମିଲ୍ ହେବ କି ନାହିଁ, ସେ ବିଷୟରେ ଆସନ୍ତା ୨ ସପ୍ତାହ ମଧ୍ୟରେ ନିଷ୍ପତ୍ତି ଗ୍ରହଣ କରାଯିବ ।

ଗତକାଲି ଇସ୍ରାଏଲ୍ ସେନାପକ୍ଷରୁ ଇରାନ୍‌ର ବନ୍ଦର ସହର 'ବନ୍ଦର ଆବାସ' ଉପରେ ଆକ୍ରମଣ କରାଯାଇଛି । ବିଶ୍ୱ ତୈଳ ବାଣିଜ୍ୟର ୨୦ ପ୍ରତିଶତ ପରିବହନ କରାଯାଉଥିବା ଏବଂ ନୌସେନା ମୁଖ୍ୟାଳୟ ଥିବା ସମ୍ପୃକ୍ତ ଅଞ୍ଚଳରେ ଇସ୍ରାଏଲ୍ ପକ୍ଷରୁ ଡ୍ରୋନ୍ ମାଧ୍ୟମରେ ଆକ୍ରମଣ କରାଯାଇଛି ।

ଇସ୍ରାଏଲ ସେନା ପକ୍ଷରୁ କୁହାଯାଇଛି କେନ୍ଦ୍ରୀୟ ଇରାନ୍‌ରେ କ୍ଷେପଣାସ୍ତ୍ର ସଂରକ୍ଷଣ ଏବଂ ଭିତ୍ତିଭୂମି ସ୍ଥାନଗୁଡ଼ିକ ଉପରେ ଆକ୍ରମଣ କରାଯାଉଛି । ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଏହି ଆକ୍ରମଣରେ ଇରାନ୍‌ର ବରିଷ୍ଠ କମାଣ୍ଡର ସୟିଦ ଇଜାଦି ପ୍ରାଣ ହରାଇଛନ୍ତି । ଇରାନ୍ ରାଷ୍ଟ୍ରାୟତ୍ତ ଗଣମାଧ୍ୟମ କହିଛି ଇସ୍ରାଏଲ ପକ୍ଷରୁ ଗଣମାଧ୍ୟମ କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ କରାଯାଉଛି । ଏହି ଆକ୍ରମଣରେ ହାଇଫାଠାରେ ୨୩ଜଣ ଆହତ ହୋଇଛନ୍ତି ।

ଅପରପକ୍ଷରେ ଇରାନ୍ ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି କହିଛନ୍ତି ତାଙ୍କ ଦେଶ କୂଟନୈତିକ ସ୍ତରରେ ଆଲୋଚନା କରିବା ପାଇଁ ପ୍ରସ୍ତୁତ ଅଛି । ତେବେ ଇସ୍ରାଏଲ ପକ୍ଷରୁ ଆକ୍ରମଣ ବନ୍ଦ ହେଲେ ଏହି କଥାବାର୍ତ୍ତା ସମ୍ଭବ ହୋଇପାରିବ । ଇରାନ୍ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଏହି ସଂଘର୍ଷରେ ୪୩୦ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିବାବେଳେ ୩ହଜାର ୫୦୦ଜଣ ଆହତ

ହୋଇଛନ୍ତି । ତେବେ ଇସ୍ରାଏଲ କର୍ତ୍ତୃପକ୍ଷ କହିଛନ୍ତି ଇରାନ୍‌ର କ୍ଷେପଣାସ୍ତ୍ର ମାଡ଼ରେ ତାଙ୍କ ଦେଶର ୨୪ଜଣ ନାଗରିକ ପ୍ରାଣ ହରାଇଛନ୍ତି ।

## ଇଣ୍ଡିଆ-ରୁଷ୍ ପୁଟିନ୍

ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ କହିଛନ୍ତି, ୨୦୩୦ ପର୍ଯ୍ୟନ୍ତ ଭାରତ ସହ ଦୀର୍ଘକାଳୀନ ସହଭାଗିତା ନିମନ୍ତେ ଖୁବ୍ ଶୀଘ୍ର ପ୍ରକ୍ରିୟା ଚୂଡ଼ାନ୍ତ ହେବ । ସେଣ୍ଟ ପିଟର୍ସ୍‌ବର୍ଗ ଆନ୍ତର୍ଜାତିକ ଅର୍ଥନୈତିକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ପୁଟିନ କହିଛନ୍ତି, ମସ୍କୋ' ଭାରତ ସମେତ ତାର ସହଯୋଗୀ ଦେଶଗୁଡ଼ିକ ସହ ଦୀର୍ଘସୂତ୍ରୀ ଅର୍ଥନୈତିକ ସହଯୋଗ ଯୋଜନାକୁ ଚୂଡ଼ାନ୍ତ ରୂପରେଖ ଦେବାକୁ ଯାଉଛି । ଚୀନ୍ ଏବଂ ରୁଷ ନୂଆ ବିଶ୍ୱ ବ୍ୟବସ୍ଥା ସୃଷ୍ଟି କରୁଥିବା ବିଷୟକୁ ସେ ଖଣ୍ଡନ କରିଛନ୍ତି ।

## ବ୍ରାଜିଲ୍ ଆକ୍ସିଡେଣ୍ଟ

ବ୍ରାଜିଲ୍‌ର ସାଣ୍ଟା କାଟାରିନାଠାରେ ଗତରାତିରେ ଏକ ହଟ୍ ଏୟାର୍ ବେଲୁନ୍‌ରେ ନିଆଁ ଲାଗିଯିବା ଫଳରେ ୮ ଜଣଙ୍କର ମୃତ୍ୟୁ ଘଟିଛି । ସେଥିରେ ୨୧ ଜଣ ଯାତ୍ରୀ ଥିବାବେଳେ ପାଇଲଟ୍‌ଙ୍କୁ ମିଶାଇ ୧୩ ଜଣ ଆହତ ହୋଇଛନ୍ତି । ଏକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଏହି ଦୁର୍ଘଟଣା ଘଟିଥିଲା ।

ପାଇଲଟ୍‌ଙ୍କ କହିବା ଅନୁଯାୟୀ, ହଟ୍ ଏୟାର୍ ବେଲୁନ୍ ମଧ୍ୟରେ ଅଗ୍ନିକାଣ୍ଡ ଘଟିବା ଫଳରେ ସେ ବେଲୁନ୍‌କୁ ତଳକୁ ଖସାଇଥିଲେ ଏବଂ ଯାତ୍ରୀମାନଙ୍କୁ ଡେଇଁ ପଡ଼ିବା ଲାଗି କହିଥିଲେ । ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

## ଷ୍ଟାର୍ଟଅପ୍ ଚ୍ୟାଲେଞ୍ଜ୍

ଦେଶରେ ନବୀକରଣୀୟ ଶକ୍ତିକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଏକ ଅଭିନବ ପ୍ରୋଜେକ୍ଟ ଷ୍ଟାର୍ଟଅପ୍ ଚ୍ୟାଲେଞ୍ଜ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ନୂତନ ଓ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଗ୍ରହଣ କରାଯାଇଥିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଛାତ ଉପରେ ସୌରଶକ୍ତି ଇକୋସିଷ୍ଟମକୁ ଅଧିକ ତ୍ୱରାନ୍ୱିତ କରିବା । ୪ଟି ପ୍ରମୁଖ ବର୍ଗରେ ଏଥିପାଇଁ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ସେଗୁଡ଼ିକ ହେଉଛି ସୁଲଭତା, ସ୍ଥାୟୀ, ଅନ୍ତର୍ଭୁକ୍ତି ଏବଂ ପରିବେଶଗତ ସ୍ଥିରତା । ଦେଶର ନବସୃଜନକାରୀ ଏବଂ ଷ୍ଟାର୍ଟଅପ୍ ଗୁଡ଼ିକଠାରୁ ଏଥିପାଇଁ ଆବେଦନ ଆହ୍ୱାନ କରାଯାଇଛି ।

ପ୍ରଥମ ପୁରସ୍କାର ବାବଦରେ ୧ କୋଟି ଟଙ୍କା , ଦ୍ୱିତୀୟ ପୁରସ୍କାର ବାବଦରେ ୫୦ଲକ୍ଷ ଟଙ୍କା, ତୃତୀୟ ପୁରସ୍କାର ବାବଦରେ ୩୦ ଲକ୍ଷ ଟଙ୍କା ଏବଂ ୫ଲକ୍ଷ ଟଙ୍କା ଲେଖାଏଁ ୧୦ଟି ଶାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ

କରାଯିବ । ଆସନ୍ତାମାସ ୨୦ ତାରିଖକୁ ଆବେଦନର ଶେଷ ତାରିଖ ଭାବେ ଧାର୍ଯ୍ୟ କରାଯାଇଛି ।

## ଇଣ୍ଡିଆ-ଇଂଲଣ୍ଡ ଟେଷ୍ଟ କ୍ରିକେଟ୍

ଆଣ୍ଡର୍ସନ୍-ତେନ୍ଦୁଲ୍କର ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ଆୟୋଜକ ଇଂଲଣ୍ଡ ଆଜି ଲିଡ୍‌ସ୍‌ର ହେଡିଙ୍ଗ୍‌ଲି'ରେ ତୃତୀୟ ଦିନରେ ଭାରତର ୪୭୧ ରନ୍ ଜବାବରେ ୨୦୯ ରନ୍‌ରୁ ଇନିଙ୍ଗ୍‌ସ୍ ଆରମ୍ଭ କରିବ । ଗତକାଲି ଖେଳ ଶେଷ ହେବାବେଳକୁ ଓଲିପୋପ୍ ୧୦୦ ରନ୍‌ରେ ଅପରାଜିତ ଥିଲେ ।

ଗତକାଲି ଭାରତ ୩ ୱିକେଟ୍‌ରେ ୩ ଶହ ଅଣଷଠି ରନ୍‌ରୁ ଇନିଙ୍ଗ୍‌ସ ଆରମ୍ଭ କରିଥିଲା । ଯଶସ୍ୱୀ ଜୟସ୍ୱାଲ୍, ଅଧିନାୟକ ଶୁଭ୍‌ମନ ଗିଲ୍ ଏବଂ ଉପଅଧିନାୟକ ଋଷଭ୍ ପନ୍ଥ ଶତକ କରିଥିଲେ ।

ଇଂଲଣ୍ଡ ପକ୍ଷରୁ ବେନ୍ ଷ୍ଟୋକ୍‌ସ ଏବଂ ଜୋସ୍ ଟଙ୍ଗ ୪ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଛନ୍ତି । ରିଷଭ ପନ୍ତ ତାଙ୍କ ଜୀବନର ସପ୍ତମ ଶତକ ହାସଲ କରି ଭାରତୀୟ ୱିକେଟ୍ ମହେନ୍ଦ୍ର ସିଂହ ଧୋନୀଙ୍କ ସହ ସମକକ୍ଷ ହେବାରେ ଗୌରବ ହାସଲ କରିଛନ୍ତି ।

*****